## ସମ୍ବଲପୁର ଜିଲାରେ ୧୮୪ରେ ପହଞ୍ଚିଲା ଆକ୍ରାନ୍ତ ସଂଖ୍ୟା

ସମ୍ବଲପୁର, (ବ୍ୟୁରୋ): ସମ୍ବଲପୁର ଜିଲାରେ ସୋମବାର ୩ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ ସମ୍ବଲପୁର ମହାନଗର ନିଗମ ଅଇଁଠାପାଲି ଅଞ୍ଚଳର ଜଣେ ୨୫ ବର୍ଷୀୟ ଯୁବକ ରହିଛନ୍ତି। ସେହିଭଳି ନାକଟିଦେଉଳ ଅଞ୍ଚଳର ୪୧ ବର୍ଷୀୟ ପୁରୁଷ ଥିବାବେଳେ ରେଢ଼ାଖୋଲ ଅଞ୍ଚଳର ଜଣେ ୯ବର୍ଷର ବାଳକ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ କୋଭିଡ୍ ଡାକ୍ତରଖାନାକୁ ପଠାଯାଇଛି। ଏହାକୁ ମିଶାଇ ଜିଲାରେ ଏବେସୁଦ୍ଧା ପଜିଟିଭଙ୍କ ସଂଖ୍ୟା ୧୮୪ରେ ପହଞ୍ଚିଛି। ଏଥିରୁ ୧୦୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ବଢ଼ିଲା ରୋଗୀଙ୍କ ଦୁଃଖ

**ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶଟ୍‌ଡାଉନ୍ ପରେ**

- ଶଯ୍ୟା ସାଙ୍ଗକୁ ଡାକ୍ତର ଅଭାବ
- ଚଟାଣରେ ଚାଲିଛି ରୋଗୀଙ୍କ ଚିକିତ୍ସା
- ହୋମ୍ କ୍ୱାରାଣ୍ଟାଇନରେ ୧୫ଡାକ୍ତର
- ଜଣେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି

**ବରଗଡ଼ ଅଫିସ୍,୨୦।୭**

ଜଣେ କାର୍ଯ୍ୟରତ ଡାକ୍ତର କରୋନା ପଜିଟିଭ୍ ଜଣାପଡ଼ିବା ପରେ ରବିବାରଠାରୁ ବରଗଡ଼ ସହର ଉପକଣ୍ଠ ଖେଦାପାଲି(ଟୁକୁର୍ଲା)ରେ ଥିବା ଜିଲା ମୁଖ୍ୟ ଡାକ୍ତରଖାନାକୁ ୫ଦିନ ପାଇଁ ଶଟ୍‌ଡାଉନ୍ କରି ଦିଆଯାଇଛି। ସେଠାରେ ଚିକିତ୍ସାଧୀନ ରୋଗୀଙ୍କ ମଧ୍ୟରୁ ଗୁରୁତରଙ୍କୁ ଭିମସାର୍, ବୁର୍ଲା ସ୍ଥାନାନ୍ତର କରାଯାଇଛି । ଅପରପକ୍ଷେ ଯେଉଁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି, ସେମାନଙ୍କୁ ଡିସ୍‌ଚାର୍ଜ କରି ଦିଆଯାଇ ଥିବାବେଳେ ଅନ୍ୟମାନଙ୍କୁ ସହର ମଧ୍ୟରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା (ବର୍ତ୍ତମାନର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର)କୁ ଅଣାଯାଇଛି। ତେବେ ଏଠାରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇପାରି ନାହିଁ । ରୋଗୀଙ୍କ ଦୁଃଖ ବଢ଼ି ଯାଇଛି । ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପୁରୁଣା ମୁଖ୍ୟ ଡାକ୍ତରଖାନାରେ ଆଗଭଳି ଆଉ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ ।ନବଜାତ ଶିଶୁଯତ୍ନ କେନ୍ଦ୍ର(ଏସଏନସିୟୁ), ଅସ୍ତ୍ରୋପଚାର କକ୍ଷ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ତାଲା ଝୁଲୁଛି। ଆବଶ୍ୟକ ସଂଖ୍ୟକ ଶଯ୍ୟା ନ ଥିବାବେଳେ ବିଭିନ୍ନ ଯନ୍ତ୍ରପାତି ତଥା ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣର ଅଭାବ ରହିଛି । ଫଳରେ ଏଠାକୁ ଆସୁଥିବା ରୋଗୀଙ୍କୁ ହଟହଟା ହେବାକୁ ପଡୁଛି । ଏଠାରେ କେବଳ ୨୦ଟି ଶଯ୍ୟା ରହିଛି। ଶଯ୍ୟାଭାବ ଯୋଗୁ ଡାକ୍ତରଖାନା ଚଟାଣରେ ରୋଗୀଙ୍କ ଚିକିତ୍ସା ଚାଲିଛି। ସେହିପରି ପ୍ରସୂତୀ ବିଭାଗରେ ମଧ୍ୟ ଶଯ୍ୟାଭାବ ଥିବାରୁ ଗର୍ଭବତୀଙ୍କୁ ପାହାଚ ଚଢ଼ି ଡାକ୍ତରଖାନାର ଉପର ମହଲାକୁ ନିଆଯାଉଥିବା ଦେଖିବାକୁ ମିଳୁଛି। ସୋମବାର ସୁଦ୍ଧା ୩୦ଟି ଶଯ୍ୟା କରାଯାଇଥିବାବେଳେ ବର୍ତ୍ତମାନ ପରିସ୍ଥିତିରେ ଏହାକୁ ୬୦କୁ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି। ଅନ୍ୟପଟେ ରୋଗୀ ସ୍ଥାନାନ୍ତର ପରେ ବନ୍ଦ ପଡ଼ିଥିବା ବିଭାଗ ଗୁଡ଼ିକୁ ଖୋଲାଯାଉଛି ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ସଜାଡ଼ିବାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇ ଉଠିଛି ।

ଅନ୍ୟପକ୍ଷେ ଡାକ୍ତର ଅଭାବ ରୋଗୀସେବାରେ ବାଧା ସୃଷ୍ଟି କରିଛି। ଜିଲା ମୁଖ୍ୟ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ୬୯ ଅଟେ। କିନ୍ତୁ ଏଠାରେ ୩୯ ଜଣ ଡାକ୍ତର ଥିବାବେଳେ ଅନ୍ୟ ୩୦ଟି ପଦବୀ ଖାଲି ପଡ଼ିଛି । ଏଭଳି ଡାକ୍ତର ଅଭାବ ଲାଗି ରହିଥିବାବେଳେ କରୋନା ଯୋଗୁ ରବିବାରଠାରୁ କାର୍ଯ୍ୟରତ ୩୯ ଡାକ୍ତରଙ୍କ ମଧ୍ୟରୁ ଜଣେ କୋଭିଡ୍ ହସପିଟାଲ ଏବଂ ଅନ୍ୟ ୧୫ଜଣ ହୋମ କ୍ୱାରାଣ୍ଟାଇନରେ ରହିଛନ୍ତି। ଫଳରେ ଜିଲା ମୁଖ୍ୟ ଡାକ୍ତରଖାନାର କାର୍ଯ୍ୟରତ ସଂଖ୍ୟା ୨୩କୁ ଖସିଆସିଛି। ଅନ୍ୟପଟେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ଜଣ ଡାକ୍ତର ଅଛନ୍ତି। ଏଭଳିସ୍ଥଳେ ବର୍ତ୍ତମାନ ସମୁଦାୟ ୩୧ଜଣ ଡାକ୍ତରଙ୍କୁ ନେଇ ଉଭୟ ଜିଲା ମୁଖ୍ୟ ଡାକ୍ତରଖାନା ଓ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ଚିକିତ୍ସା କରାଯାଉଛି। ଯାହାକି ଆବଶ୍ୟକ ସଂଖ୍ୟକ ଡାକ୍ତରଙ୍କଠାରୁ ଅଧାରୁ ମଧ୍ୟ କମ୍ ।

ଏଠାକୁ ଆସିଥିବା ବିଜେପୁର ବ୍ଲକ ଅନ୍ତର୍ଗତ ଟି. ଗଣ୍ଡପାଲିର ଜଣେ ଅସୁସ୍ଥ ହିତ କୁମ୍ଭାର କୁହନ୍ତି, ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଶଟ୍‌ଡାଉନ୍ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବୁର୍ଲାରେ ମଧ୍ୟ ସ୍ୱାସ୍ଥ୍ୟସେବା ମିଳିଳାନି ଏବଂ କଫ ପରୀକ୍ଷା କରି ଆସିବ କହି ତାଙ୍କୁ ପୁଣି ବରଗଡ଼ ପଠାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି । କେବଳ ଏହି ରୋଗୀ ନୁହନ୍ତି, ତାଙ୍କ ଭଳି ଅନେକ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ବିଭୂତି ଭୂଷଣ ମେହେରଙ୍କୁ ପଚାରିବାରୁ ସେ କହିଥିଲେ, ଜିଲା ମୁଖ୍ୟ ଡାକ୍ତରଖାନା ସାନିଟାଇଜ୍ କରାଯାଉଛି ଏବଂ ଦିନେ ଦୁଇଦିନ ପରେ ସେଠାକାର ବହିର୍ବିଭାଗ ଖୋଲିବାକୁ ଚେଷ୍ଟା କରାଯାଉଛି । ଏହାହେଲେ ରୋଗୀ ଆଉ ହଇରାଣ ହେବେ ନାହିଁ ବୋଲି ସିଡ଼ିଏମଓ ଡା. ମେହେର କହିଥିଲେ ।



ପୁରୁଣା ମୁଖ୍ୟ ଡାକ୍ତରଖାନାରୁ ଜଣେ ରୋଗୀଙ୍କ ବୁର୍ଲା ସ୍ଥାନାନ୍ତର କରାଯାଉଛି ।



ଶଯ୍ୟାଭାବରୁ ପୁରୁଣା ମୁଖ୍ୟ ଡାକ୍ତରଖାନା ଚଟାଣରେ ଜଣେ ରୋଗୀ ବସିଛନ୍ତି ।

## ସଂକ୍ଷେପରେ

### ଆୟୁର୍ବେଦ କଲେଜରେ ଆତ୍ୟାଧୁନିକ ଯନ୍ତ୍ରପାତି ଲୋକାର୍ପଣ

**ପାଇକମାଳ, ୨୦।୭ (ଡି.ଏନ.ଏ):** ନୃସିଂହନାଥ ଆୟୁର୍ବେଦ କଲେଜ ପରିସର ଡା. କୃପାସିନ୍ଧୁ ଭୋଇ ଚିକିତ୍ସାଳୟଠାରେ ସୋମବାର ଜନସାଧାରଣଙ୍କ ସୁବିଧା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତିର ଲୋକାର୍ପଣ କରାଯାଇଛି । ଡିଜିଟାଲ ଏକ୍ସରେ ମେସିନ, ନେତ୍ର ବିଭାଗର ସ୍ଲିଟ ଲ୍ୟାମ୍ପ, ଡିଜିଟାଲ ଏଲଇଡି ସ୍କ୍ରିନ୍‌କୁ କଲେଜର ସମ୍ପାଦକ ମନୋଜ ତ୍ରିବେଦୀ ଉଦ୍‌ଘାଟନ କରିଛନ୍ତି। କଲେଜର ଅଧକ୍ଷା ଡା. କାମିନୀ କର, ଡା, ସୁଶିଲ ମହାପାତ୍ର ଓ ଅନ୍ୟାନ୍ୟ ଡାକ୍ତରମାନଙ୍କ ସହ ଟ୍ରେନିଂ ନେଉଥିବା ଇଣ୍ଟର୍ନସିପ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ରାସ୍ତାରେ ଟ୍ରାକ୍ଟର ଓଲଟିପଡ଼ିଲା

**ପାଇକମାଳ, ୨୦।୭ (ଡି.ଏନ.ଏ.):** ପାଇକମାଳ ବ୍ଲକ ପ. ମିଠାପଲି ପଞ୍ଚାୟତ ବିକ୍ରମନଗର ନିକଟସ୍ଥ ବିଜୁ ଏକ୍ସପ୍ରେସ ୱେ କ୍ୟାମ୍ପ ନିକଟରେ ସୋମବାର ଅପରାହ୍ନରେ ଏକ ଟ୍ରାକ୍ଟର ରୋଡ ଡିଭାଇଡରରେ ପିଟି ହୋଇ ଓଲଟି ପଡିଛି। ଏଥିରେ ବସିଥିବା ୪ଜଣ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଡ୍ରାଇଭର କ୍ରିଷ୍ଣା ସୁନା ସାମାନ୍ୟ ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରକୁ ଛଡା ଯାଇଛି। ପାଇକମାଲ ପୋଲିସ ଘଟଣା ସ୍ଥଳେ ପହଞ୍ଚି ତଦନ୍ତ କରୁଛି।

### ରାସ୍ତାର ଭିତ୍ତିପ୍ରସ୍ତର ଦେଲେ ବିଧାୟକ

**ରେଙ୍ଗାଲି, ୨୦।୭ (ଡି.ଏନ.ଏ):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ରାମଚନ୍ଦ୍ର ନଗରଠାରେ ସୋମବାର ରାସ୍ତାର ଭିତ୍ତିପ୍ରସ୍ତର ଦେଇଛନ୍ତି ରେଙ୍ଗାଲି ବିଧାୟକ ନାଉରୀ ନାୟକ। ରାମଚନ୍ଦ୍ରନଗରର ଦୁର୍ଗା ମଣ୍ଡପଠାରୁ ୟୁପି ସ୍କୁଲ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେବ। ଏଥିଲାଗି ୧୦ ଲକ୍ଷ ଟଙ୍କା ଅଟକଳ ରହିଛି। ତେବେ ଏହି କାର୍ଯ୍ୟକ୍ରମରେ ମୂରଲୀ ମେହେର, ସରୋଜ ମେହେର, ଜଗନ୍ନାଥ ମେହେର, ଟିକୁ ମେହେର, ତୁଫାନ ମେହେର, ମିତ୍ରଭାନୁ ମେହେର, ସୁଶିଲ ମେହେର ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସାନିଟାଇଜ ହେଲା କୋଭିଡ୍ ହସ୍ପିଟାଲ

**ସମ୍ବଲପୁର, ୨୦।୭ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ କରୋନା ପୋଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳକୁ ସାନିଟାଇଜ କରାଯାଇଛି । ସମ୍ବଲପୁର ଗଙ୍ଗାଧର ମେହେର କଲେଜ ନିକଟସ୍ଥ କୋଭିଡ-୧୯ ହସ୍ପିଟାଲ ପରିସରକୁ ସୋମବାର ସାନିଟାଇଜ କରାଯାଇଛି।

### ଟେଭାପଦର, କମଳପୁର କଣ୍ଟେନମେଣ୍ଟ ଜୋନ୍

**ଅମରପାଲି,୨୦।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ୭ କରୋନା ପୋଜିଟିଭ ଚିହ୍ନଟ ହେଲାପରେ ପୂରା ସଜାଗ ହୋଇଛି ପ୍ରଶାସନ । ରବିବାର ପିତାମହୁଲ ପଞ୍ଚାୟତର ଟେଭାପଦର ଗ୍ରାମରେ ଗୋଟିଏ ପରିବାରର ୫ ଜଣ ଆକ୍ରାନ୍ତ ହୋଇଥିବା ବେଳେ ସୋମବାର ଉଫୁଲା ପଞ୍ଚାୟତର କମଳପୁର ହରିଜନପଡାରେ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଣୁ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଉକ୍ତ ଦୁଇ ଗ୍ରାମକୁ ୧୦ ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି । ଏହି ସମୟରେ ଉକ୍ତ ଗ୍ରାମରୁ କୌଣସି ବ୍ୟକ୍ତି ବାହାରକୁ ଆସିପାରିବେ ନାହିଁ କି ବାହାରୁ କୌଣସି ବ୍ୟକ୍ତି ଉକ୍ତ ଗ୍ରାମକୁ ପ୍ରବେଶ କରିପାରିବେ ନାହିଁ।

### ‘ମାଓଦମନ, ସାମାଜିକ ନ୍ୟାୟକୁ ଗୁରୁତ୍ୱ ଦିଆଯିବ’

**ନୂଆପଡା ଅଫିସ,୨୦।୭:** ନୂଆପଡା ଏକ ଉପାନ୍ତ ଜିଲା। ଏଠାରେ ଜନସାଧାରଣଙ୍କ ସହଯୋଗିତାରେ ମାଓବାଦୀ ସମସ୍ୟା ନିୟନ୍ତ୍ରଣରେ ରହିଛି। ତଥାପି ଏହାକୁ ସମୂଳେ ଶେଷ କରି ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ପୋଲିସ ଅହରହ କାମ କରିବ। ନୂଆ ଭାବେ ଦାୟିତ୍ୱ ନେଇଥିବା ଏସପି ରାହୁଲ ଜୈନ ସୋମବାର ଏହା କହିଛନ୍ତି। ଏହି ଅବସରରେ ସ୍ଥାନୀୟ ଖବରଦାତାମାନଙ୍କୁ ସେ ସୌଜନ୍ୟମୂଳକ ସାକ୍ଷାତକାର ଦେଇ କହିଛନ୍ତି ଯେ, ବର୍ତ୍ତମାନ କରୋନା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। କୋଭିଡ୍ ନିୟମକୁ ଲୋକେ ଠିକ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## କୋଭିଡ୍ ପରିଚାଳନାରେ ସାମିଲ ହେଲେ ୭ କିନ୍ନର

**ରାଉରକେଲା ଅଫିସ, ୨୦।୭**

ଷ୍ଟିଲ୍ ସିଟି ରାଉରକେଲାର ୭ଜଣ ତୃତୀୟଲିଙ୍ଗୀଙ୍କୁ ସୋମବାର ଜିଲା ପ୍ରଶାସନ କୋଭିଡ୍ ନିୟନ୍ତ୍ରଣ କାର୍ଯ୍ୟରେ ସାମିଲ କରିଛି। ଏମାନଙ୍କୁ ସହରର ଛେଣ୍ଡ କଲୋନୀ ବାଗବୁଡିରେ ଥିବା କୋଭିଡ ୧୯ ପଞ୍ଜୀକରଣ କେନ୍ଦ୍ର ସହ ବିପିୟୁଟିଠାରେ ଥିବା କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ କରାଯିବ। ଏହି ୭ଜଣଙ୍କୁ ଜିଲା ଖଣିଜ ଉନ୍ନୟନ ପାଣ୍ଠିରୁ ପ୍ରାପ୍ୟ ପ୍ରଦାନ କରାଯିବ। ଆଉଟ ସୋର୍ସିଂ ବ୍ୟବସ୍ଥା ମାଧ୍ୟମରରେ ଏଭଳି ନିଯୁକ୍ତି ଦିଆଯାଇଛି। ଏହାକୁ ନେଇ କିନ୍ନର ସଂଘ ପକ୍ଷରୁ ଅଧକ୍ଷ ଜୟା ତ୍ରିପାଠୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲା ପ୍ରଶାସନକୁ ଅନୁରୋଧ କରାଯିବାର ମାତ୍ର ୨ ଦିନ ମଧରେ ଏହି ନିଯୁକ୍ତି ମିଳିଥିବାରୁ ଏହାକୁ ସଂଗଠନ ସ୍ୱାଗତ କରିଛି। ଲକ୍ ଡାଉନ୍ ଯୋଗୁ କିନ୍ନର ଗୋଷ୍ଠୀଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ। ଏଣୁ ସେମାନେ ମାନସିକ ଅବସାଦରେ ଅଛନ୍ତି। ଏମିତି ଅବସ୍ଥାରେ ସେମାନଙ୍କୁ ସହାୟତା କରିବାକୁ କିନ୍ନର ସଂଘ ଜିଲା ପ୍ରଶାସନକୁ ନିବେଦନ କରିଥିଲା। ଏହା ପରେ ସୁନ୍ଦରଗଡ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ପରାମର୍ଶ କ୍ରମେ ରାଉରକେଲା ଅତିରିକ୍ତ ଜଲାପାଳ ଆବୋଲି ସୁନୀଲ ନରୱେଣେ ୭ ଜଣ କିନ୍ନରଙ୍କୁ କୋଭିଡ୍ ପରିଚାଳନାରେ ସାମିଲ କରିଛନ୍ତି। ସୂଚନାଯୋଗ୍ୟ ଯେ ସୁନ୍ଦରଗଡ ଜିଲାର ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ ନେଇ ପ୍ରଶାସନ ଏବେ ଅଣ୍ଟା ଭିଡିଛି। ବିଶେଷ କରି ରାଉରକେଲା ସହର ଓ ପାଖଆଖ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣ ପାଇଁ ଯୋଜନା କରାଯାଉଛି। ଏନେଇ କୋଭିଡ ହସ୍ପିଟାଲ ଓ କେୟାର କେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯାଇଛି। ଆଗାମି ଦିନର ସହରର ଭିନ୍ନ ଭିନ୍ନ ଅଞ୍ଚଳରେ ୨୦ଟି ନୂତନ କୋଭିଡ୍ କେୟାର କେନ୍ଦ୍ର ଖୋଲାଯିବ ବୋଲି ଅତିରିକ୍ତ ଜିଲାପାଳ ନରୱେଣେ ସୂଚନା ପ୍ରଦାନ କରିଛନ୍ତି।



କିନ୍ନରମାନଙ୍କୁ ଅତିରିକ୍ତ ଜିଲାପାଳ ନିଯୁକ୍ତିପତ୍ର ଦେଉଛନ୍ତି।

## ଡାକ୍ତରଙ୍କ ସମେତ ୨୨ଜଣଙ୍କୁ କରୋନା

**ବରଗଡ଼ ଅଫିସ୍,୨୦।୭**

ବରଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ସୋମବାର ଜିଲାରୁ ପୁଣି ନୂଆ ୨୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ କଟାପାଲି ଅବରୋଧ ଅଞ୍ଚଳର ୧୩, ବରଗଡ଼ ପୌରାଞ୍ଚଳର ୭ଜଣ, ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲି ଏବଂ ଅତାବିରା ଅଞ୍ଚଳର ଆମଝେର(ଟାଙ୍ଗରପାଲି)ର ଜଣେ ଲେଖାଏଁ ଅଛନ୍ତି । ତେବେ ପୌରାଞ୍ଚଳର ଆକ୍ରାନ୍ତଙ୍କ ମଧ୍ୟରୁ ସହରର ଟିଟିଲାଗଡ଼ିଆ ଝୁମ୍ପୁଡ଼ିପଡ଼ାର ୨, ବ୍ରହ୍ମକୁମାରୀ ଗଳିର ୩ଜଣ ଭୁବନେଶ୍ୱର ଫେରନ୍ତା, ଜିଲା ମୁଖ୍ୟ ଡାକ୍ତରଖାନାର ଜଣେ ଡାକ୍ତର ଏବଂ ପଞ୍ଚାୟତ କଲେଜ ରୋଡ୍‌ର ଅନ୍ୟ ଜଣେ ଅଟନ୍ତି । ସେହିପରି ପେଟୁପାଲିର ଆକ୍ରାନ୍ତ ଜଣକ ତ୍ରିପୁରା ଫେରନ୍ତା ଏବଂ ଆମଝେର(ଟାଙ୍ଗରପାଲି)ର ଆକ୍ରାନ୍ତ ଜଣକ ମହାରାଷ୍ଟ୍ର ଫେରନ୍ତା ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ଆକ୍ରାନ୍ତମାନଙ୍କୁ ଚିକିତ୍ସା ପାଇଁ ବରଗଡ଼ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇ ଥିବାବେଳେ ସେମାନେ ରହୁଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବା ସୂଚନା ଦିଆଯାଇଛି ।

## ହିରୋ ଏକ୍ସଟ୍ରିମ୍–୧୬୦ଆର୍ ବରଗଡ଼ ବଜାର ପ୍ରବେଶ




ହିରୋ ଏକ୍ସଟ୍ରିମ–୧୬୦ଆର୍‌ର ଅନାବରଣ କରାଯାଉଛି ।

**ବରଗଡ଼ ଅଫିସ୍,୨୦।୭**

ଦେଶର ଅଗ୍ରଣୀ ମୋଟରସାଇକେଲ ନିର୍ମାତା ହିରୋ ମୋଟୋକର୍ପର ସ୍ଥାନୀୟ ଅଧିକୃତ ବିକ୍ରେତା ଆକାଶ ମୋଟର୍ସ, ବରଗଡ଼ଠାରେ ସୋମବାର ହିରୋ ଏକ୍ସଟ୍ରିମ–୧୬୦ଆର୍‌ର ଡିଜିଟାଲ ଲଞ୍ଚିଂ ଦ୍ୱାରା ବଜାର ପ୍ରବେଶ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭଟଲି ରୋଡସ୍ଥିତ ଆକାଶ ହିରୋ ପରିସରରେ ଆୟୋଜିତ ଡିଜିଟାଲ ଲଞ୍ଚିଂ କାର୍ଯ୍ୟକ୍ରମରେ ଆକାଶ ମୋଟର୍ସର ନିର୍ଦ୍ଦେଶକ ଆକାଶ କୁମାର ଅଗ୍ରୱାଲ ଏକ୍ସଟ୍ରିମ–୧୬୦ ଆର୍‌କୁ ଅନାବରଣ କରି ଲୋକାର୍ପିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଏରିଆ ସିନିୟର ମ୍ୟାନେଜର ଅବଦୁଲ୍ ଆହଦ, ଏରିଆ ସେଲ୍ସ ମ୍ୟାନେଜର ମୋହିତ ଭଗତ, ଏରିଆ ସର୍ଭିସ ମ୍ୟାନେଜର ରାଜୀବ ରଞ୍ଜନ ଚୌଧୁରୀ, ଟେରିଟୋରି ସେଲ୍ସ ମ୍ୟାନେଜର ହିମାଂଶୁ ରାଏ, ଟେରିଟୋରି ସର୍ଭିସ ମ୍ୟାନେଜର ବେଦପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସୋରୁମ୍ ମ୍ୟାନେଜର ବସନ୍ତ କୁମାର ସାହୁ ମୋଟର ସାଇକେଲର ବିଶେଷତ୍ୱ ତଥା ଗୁଣବତ୍ତା ସମ୍ପର୍କରେ ଅବଗତ କରାଇଥିଲେ। ୧୬୦ ସିସି ବିଶିଷ୍ଟ ଏହି ବାଇକ୍‌ଟି ପ୍ରୋଗ୍ରାମ୍‌ଡ ଏଫ୍‌ଆଇ ଏବଂ ଅତ୍ୟାଧୁନିକ ଏକ୍ସସେନ୍ସ ଟେକ୍ନୋଲୋଜିଯୁକ୍ତ ଅଟେ। ବାଇକ୍‌ଟି ସ୍ପୋର୍ଟି ଏବଂ ମସ୍କୁଲାର ହୋଇଥିବାରୁ ଦେଖିବାକୁ ଆକର୍ଷଣୀୟ ଲାଗୁଛି। ଫଳରେ ଏହା ଯୁବଗୋଷ୍ଠୀଙ୍କ ମଧ୍ୟରେ ବେଶ୍ ଆଦୃତ ହେବ ବୋଲି ନିର୍ମାତା କମ୍ପାନୀ ପକ୍ଷରୁ ଆଶା ପ୍ରକାଶ ପାଇଛି ।

## ମାଙ୍କଡ଼ଚୁଆଁ ହତ୍ୟାକାଣ୍ଡ: ୩ ଗିରଫ

**ବଲାଙ୍ଗୀର ଅଫିସ, ୨୦।୭**

ବଲାଙ୍ଗୀର ସଦର ଥାନା ମାଙ୍କଡଚୁଆଁ ଗ୍ରାମରେ ଗତ ୧୮ ତାରିଖ ଦିନ ସଂଘଟିତ ବୈକୁଣ୍ଠ ସୁନା ହତ୍ୟା ମାମଲାରେ ସଦର ଥାନା ପୋଲିସ ତିନିଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମାଙ୍କଡଚୁଆ ଗ୍ରାମର ପିକ ଓରଫ୍ ସଞ୍ଜୀବ ବାଗ (୩୫), ସୁବର୍ଣ୍ଣପୁର ଜିଲା ତରଭା ଥାନା ସିଣ୍ଢୋଲ ଗ୍ରାମର ସନ୍ତୋଷ ଦୀପ (୩୯) ଓ ବୃନ୍ଦ ରଣା (୩୫) । ସେମାନଙ୍କଠାରୁ ଏକ ବାଇକ (ନଂ.ଓଡି୩୧ ଡି ୪୪୨୯) ଓ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି । ପୂର୍ବ ଶତ୍ରୁତା ଓ ଜାତିଆଣ ପ୍ରସଙ୍ଗକୁ କେନ୍ଦ୍ର କରି ଲାଗି ରହିଥିବା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଇଛି । ଅଭିଯୁକ୍ତ ପିକ ଓରଫ୍ ସଞ୍ଜୀବ ବାଗ ମାଙ୍କଡଚୁଆ ଗ୍ରାମର ବାସିନ୍ଦା ହୋଇଥିଲେ ମଧ ପୂର୍ବ ଶତ୍ରୁତା କାରଣରୁ ପରିବାର ନେଇ ତାଙ୍କ ଶ୍ୱଶୁର ଘର ସିଣ୍ଢୋଲରେ ରହୁଥିଲେ । ସେଠାରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସହ ମିଶି ବୈକୁଣ୍ଠ ସୁନାଙ୍କୁ ହତ୍ୟା କରିବା ଯୋଜନା କରିଥିଲେ । ଘଟଣା ଦିନ ତିନି ଅଭିଯୁକ୍ତ ଏକ ବାଇକରେ ଆସି ମାଙ୍କଡଚୁଆ ଗ୍ରାମ ନିକଟରେ ଲୁଚି ବୈକୁଣ୍ଠ ସୁନାଙ୍କ ଗତିବିଧି ନିରୀକ୍ଷଣ କରିଥିଲେ । ବୈକୁଣ୍ଠ ଗାଁ ନିକଟସ୍ଥ ନାଳାରୁ ଗାଧେଇ ଫେରୁଥିବାବେଳେ ପିକ ଓରଫ୍ ସଞ୍ଜୀବ ବାଗ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରି ଉକ୍ତ ବାଇକରେ ଖସି ପଳାଇ ଯାଇଥିଲେ । ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୨୨୬/୨୦) ରୁଜୁ ହୋଇଥିଲା ।

## ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲେ ଚାଷୀ

**ବରଗଡ଼ ଅଫିସ୍,୨୦।୭**

ବରଗଡ଼ ବ୍ଲକର ପଥର୍ଲା ପଞ୍ଚାୟତରେ ଶତାଧିକ ଗଭୀର ନଳକୂପ ପ୍ରକଳ୍ପ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ଚାଷୀଙ୍କୁ ଏହାର କିଛି ସୁଫଳ ମିଳିପାରି ନାହିଁ । ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ସୋମବାର ବରଗଡ଼ ଉଠାଜଳସେଚନ ବିଭାଗ ଏବଂ ୱେଷ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସକୁ ଘେରାଉ କରାଯାଇଥିଲା। ଆସନ୍ତା ୭ଦିନ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ କରା ନ ଗଲେ ଆଗକୁ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଚେତାବନୀ ଦେଇଛନ୍ତି ।

## ସଂଘବଦ୍ଧ ଆକ୍ରମଣରେ ମୃତ୍ୟୁ ଘଟଣା, ୪ ଗିରଫ

**ଦେଓଗାଁ,୨୦।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ତଥା ସଦର ବ୍ଲକ କାଲିଝରନ ପରଧିଆପାଲିରେ ସଂଘବଦ୍ଧ ଆକ୍ରମଣରେ ସରଜୁ ଓରଫ ଦେବାନନ୍ଦ ବର୍ଗେ(୪୫)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗାଁର ଭୋଜରାଜ ଭୋଇ(୨୫), ଚବୁଲୁ ଭୋଇ(୨୩), ବିଶି ଭୋଇ(୨୨) ଓ ରୋହିତ ବିଶ୍ୱାଳ ଓରଫ କେରକେରୁ(୨୪)। ପ୍ରକାଶ ଯେ, ଗତ ଶୁକ୍ରବାର ରାତିରେ ଗାଁର କେତେକ ଯୁବକଙ୍କ ସହ ସରଜୁଙ୍କର ଏକ କୁଚିଆ ମଦଭାଟିରେ ପାଟିତୁଣ୍ଡ ହୋଇଥିଲା । ଘରକୁ ଫେରି ସେ ତାଙ୍କ ଛାତ ଉପରେ ଶୋଇଥିବା ବେଳେ ଉକ୍ତ ଯୁବକମାନେ ସେଠାକୁ ଯାଇ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସରଜୁଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୭୩/୨୦) ରୁଜୁ କରି ପୋଲିସ ଅନୁସନ୍ଧାନ ଚଳାଇଥିଲା।



ହତ୍ୟା ମାମଲାରେ ଗିରଫ ୪ ଅଭିଯୁକ୍ତ ।

## ଦୁଗ୍ଧଚାଷୀଙ୍କୁ ମିଳିବ ପ୍ରୋତ୍ସାହନ

- ଗ୍ରୀନ୍ ଫଡର୍ ଚାଷ ପାଇଁ ଆର୍ଥିକ ସହାୟତା
- ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସାମିଲ ହେବେ

**ସମ୍ବଲପୁର,୨୦।୭(ବ୍ୟୁରୋ)**

ମହାମାରୀ କରୋନା ମୁକାବିଲା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକ, ଗରିବ ଖଟିଖିଆ ଓ ଦିନ ମଜୁରିଆମାନଙ୍କୁ ସାହା ହୋଇଆସିଛି । ଏପରି କି ବନ ବିଭାଗ ଓ ଅନ୍ୟ ସରକାରୀ ବିଭାଗ ପକ୍ଷରୁ ମଧ ଏହି ଯୋଜନାରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି । ଏବେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁଗ୍ଧ ଚାଷୀଙ୍କୁ ମଧ ସାମିଲ କରାଯାଇଛି । ସେମାନଙ୍କୁ ପ୍ରୋତ୍ସାହନ ଲାଗି ଘାସ ଚାଷ (ଗ୍ରୀନ ଫିଡର)କରିବା ପାଇଁ ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି। ଜୁଲାଇ ଶେଷ ସପ୍ତାହରୁ ଏହି ଯୋଜନା ଜିଲାରେ କାର୍ଯ୍ୟକାରୀ ହେବ । ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

ଏହି ପରିପ୍ରେକ୍ଷୀରେ ପ୍ରାଣୀଧନ ବିଭାଗ ପକ୍ଷରୁ ସର୍ଭେ କରାଯାଇ ଜିଲାର ୯ଟି ବ୍ଲକରେ ୬୯୦ଜଣ ଦୁଗ୍ଧ ଚାଷୀଙ୍କୁ ଚିହ୍ନଟ କରାଯାଇଛି । ସେମାନେ ନିଜସ୍ୱ ଅଧ ଏକର କିମ୍ବା ତା’ଠୁ ଅଧିକ ଜମି ଥିଲେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସାମିଲ ହୋଇପାରିବେ। ସେମାନଙ୍କୁ ଘାସ ମଞ୍ଜି ମାଗଣାରେ ଯୋଗାଇ ଦିଆଯିବ।ଏହାସହ ଚାଷ କରିବା ପାଇଁ ପ୍ରତ୍ୟେକ ଚାଷୀଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବ। ଘାସ ମଞ୍ଜି ବୁଣିବା ପରେ ୭୦ରୁ ୮୦ ଦିନ ମଧ୍ୟରେ ଦୁଗ୍ଧ ଚାଷୀମାନେ ଘାସ ଉତ୍ପାଦନ କରିପାରିବେ। ବଜାରରେ ବିକ୍ରି କରିବା ସହ ନିଜେ ପାଳୁଥିବା ଗୋଖାଦ୍ୟରେ ବ୍ୟବହାର କରିହେବ। ପ୍ରତିବର୍ଷ ୫ରୁ ୬ଥର ପର୍ଯ୍ୟାୟକ୍ରମେ ଏହି ଘାସ ଉତ୍ପାଦନ ହେବ।

ଗୋଖାଦ୍ୟ ପାଇଁ ଏବେ ନାନା ସମସ୍ୟା ଦେଖା ଦେଇଛି । ଗୋଖାଦ୍ୟର ଦର ବୃଦ୍ଧି ହେବା ସହ କରୋନା ପାଇଁ ବଜାରରେ କମ୍ ପରିମାଣରେ ମିଳୁଛି । ଯଦି ଜଣେ ଚାଷୀ ଘାସ ଚାଷ କରି ସେହି ଘାସକୁ ଗୋଖାଦ୍ୟ ଭାବେ ବ୍ୟବହାର କରିବ ତା’ହେଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହେବ। ଏହାସହ ଗାଈଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ ଠିକ୍ ରହିବ । ତେଣୁ ଏହି ଯୋଜନା ଦୁଗ୍ଧ ଚାଷୀମାନଙ୍କ ପାଇଁ ଫଳପ୍ରଦ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଏ ସମ୍ପର୍କରେ ଏମ୍‌ଜିଏନ୍‌ଆରଇଜିଏସ୍ ଜିଲା କୋଅର୍ଡିନେଟର୍ ସୌଭିଦ ବିଶି କହିଛନ୍ତି, ଏହି ଯୋଜନା ଦୁଗ୍ଧ ଚାଷୀମାନଙ୍କ ପାଇଁ ଲାଭଦାୟକ। ଅଧ ଏକର ଜମିରୁ ଚାଷୀମାନେ ପ୍ରାୟ ୯ହଜାର ୬ଶହ କୁଇଣ୍ଟାଲ ଘାସ ଉତ୍ପାଦନ କରିପାରିବେ। ସେମାନଙ୍କୁ ଆଉ ଗୋଖାଦ୍ୟ କିଣିବାକୁ ପଡିବ ନାହିଁ । ଜଣେ ଦୁଗ୍ଧ ଚାଷୀ ନ ହେଲେ ମଧ ଅନ୍ୟ ଚାଷୀମାନେ ମଧ ଏହି ଯୋଜନାରୁ ସୁବିଧା ନେଇପାରିବେ ବୋଲି ସେ କହିଛନ୍ତି ।



